# ରାୟଗଡ଼ାରେ ୮୭ ତମ ପୋଲିସ ପ୍ରତିଷ୍ଠା ଦିବସ

**ରାୟଗଡ଼ା ଅଫିସ,୧୪**

ରାୟଗଡ଼ା ଜିଲା ପୋଲିସ ପକ୍ଷରୁ ୮୭ ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଛି। ଚାନ୍ଦିଲି ଥାନା ଅଧୀନ ଜେକେପୁର ରିଜର୍ଭ ପୋଲିସ ପ୍ୟାରେଡ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସେବା ଓ କର୍ତ୍ତବ୍ୟ ପାଳନରେ ଉଲ୍ଲେଖନୀୟ ଅବଦାନ



ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଜଣେ ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରୁଛନ୍ତି।

ପାଇଁ ଜିଲାର ୬ ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ତଥା ଅତିରିକ୍ତ ଏସ୍‌ପି,ଏସ୍‌ଡିପିଓ, ଆଇଆଇସି ଏବଂ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପୋଲିସ ପ୍ରତିଷ୍ଠଶ ଦିବସ ଉପଲକ୍ଷେ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରି ଶୁଣାଇଥିଲେ। ପୋଲିସ ସାଧାରଣ ଜନତାଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ଏସ୍‌ପି ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ବିଷମକଟକ ଏସ୍‌ଡିପିଓଙ୍କୁ ଡିଜିପି ଡିସ୍କ ଆୱାର୍ଡ



ବିଷମକଟକ,୧୪ (ଡି.ଏନ୍.ଏ.)- ରାୟଗଡ଼ା ଜିଲା ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ଡିଜିପି ଡିସ୍କ ଆୱାର୍ଡ ପ୍ରଦାନ କରାଯାଇଛି। ନିଷ୍ପାପର କାର୍ଯ୍ୟ ଏବଂ ଉତ୍ତମ ସେବା ପାଇଁ ତାଙ୍କୁ ରାଜ୍ୟସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସରେ ଏହି ସମ୍ମାନ ମିଳିଛି। ବିଷମକଟକ, ମୁନିଗୁଡ଼ା, ଚନ୍ଦ୍ରପୁର ଓ ଆମ୍ବାଦଳା ଥାନା ଅଞ୍ଚଳରେ ସେ ନିଜ କାର୍ଯ୍ୟ ପାଇଁ ବେଶ୍ ପରିଚିତ। ଜନସାଧାରଣଙ୍କ ସହ ସୁସମ୍ପର୍କ ରଖି ଅପରାଧକୁ ଦୂରେଇବା ଦିଗରେ ତାଙ୍କ ଉଦ୍ୟମ କରିଆସୁଛନ୍ତି। ଏହି ସମ୍ମାନ ପାଇବା ପରେ ଅଞ୍ଚଳବାସୀ ଗର୍ବ ଅନୁଭବ କରିବା ସହ ଏସ୍‌ଡିପିଓଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଚେକ୍ ବାଉନ୍ସ ମାମଲାରେ ଜଣେ ଗିରଫ



ମାଲକାନଗିରି,୧୪ (ଡି.ଏନ.ଏ.): ମାଲକାନଗିରି ଜିଲା ସଦରସ୍ଥିତ ଏକ ବେସରକାରୀ ମହାବିଦ୍ୟାଳୟରେ ବ୍ୟବସାୟିକ ଅଧିକାରୀ ଭାବେ କାର୍ଯରତ ସୁନିଲ ଆଚାରୀ କନ୍ଧମାଳ ଜିଲା ବାଲିଗୁଡ଼ାର ମୃତ୍ୟୁଞ୍ଜୟ ଦାସଙ୍କ ଠାରୁ ୨ ଲକ୍ଷ ଧାର ଆକାରରେ ନେଇଥିଲେ। ସେଥିମଧ୍ୟରୁ ଅଧା ଅର୍ଥ ଫେରେଇ ଦେଇଥିବା ବେଳେ ବଳକା ୯୯ ହଜାର ଟଙ୍କା ଫେରସ୍ତ ନିମନ୍ତେ ପ୍ରଥମେ ଚେକ୍ ପ୍ରଦାନ କରିଥିଲେ । ତେବେ ତାହା ବାଉନ୍ସ ହୋଇଯାଇଥିଲା। ଦ୍ୱିତୀୟ ଥର ମଧ୍ୟ ଏକ ଚେକ୍ ଦେଇଥିବା ବେଳେ ତାହା ବି ବାଉନ୍ସ ହୋଇଥିଲା। ଏ ନେଇ ମୃତ୍ୟୁଞ୍ଜୟ ବାଲିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସୁନିଲ ମାଲକାନଗିରିରେ ଥିବାରୁ ମାଲକାନଗିରି ଥାନାକୁ ମାମଲା ହସ୍ତାନ୍ତର କରିଥିଲେ। ମାଲକାନଗିରି ପୋଲିସ ଘଟଣାରେ ତଦନ୍ତ କରି ସୁନିଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ପଦ୍ମପୁର ବ୍ଲକରେ ଡ୍ରୋନ୍ ସର୍ଭେ ଆରମ୍ଭ

ପଦ୍ମପୁର,୧୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ତହସିଲ ପକ୍ଷରୁ ଜମିରେ ରୋଗପୋକ ନିୟନ୍ତ୍ରଣ ଓ କ୍ଷୟକ୍ଷତିର ଡିଜିଟାଲ ମାନଚିତ୍ର ପ୍ରସ୍ତୁତି ପାଇଁ ପ୍ରଥମ କରି ଡୋନ୍ ସର୍ଭେ କରାଯାଇଛି। ମାରିଗୁଡା ଆଞ୍ଚଳରେ ସର୍ଭେ ଆରମ୍ଭ ହୋଇଛି। ଏହି ସମୟରେ ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସର୍ଭେ ପ୍ରତେକ ରାଜସ୍ୱ ଗ୍ରାମରେ କରାଯିବ ବୋଲି ଜଣାପଡ଼ିଛି।

### 'ପରୀକ୍ଷା ପେ ଚର୍ଚ୍ଚା'ରେ ଅଂଶଗ୍ରହଣ କଲେ ଛାତ୍ରୀଛାତ୍ର

ମାଲକାନଗିରି,୧୪ (ଡି.ଏନ.ଏ.)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ନେଇ ଶୁକ୍ରବାର 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ କରିଛନ୍ତି। ଦିନ ୧୧ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାଲକାନଗିରି ଜିଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ଭର୍ଚ୍ୟୁଆଲରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଉପଦେଶ ଗ୍ରହଣ କରିଥିଲେ । କରୋନା ସମୟରେ ଦୀର୍ଘ ୨ ବର୍ଷ ଧରି ପାଠ ପଢ଼ାରେ ବାଧା ସୃଷ୍ଟି ହେବା ସହ ଅନେକ ଶ୍ରେଣୀର ପରୀକ୍ଷା ହେଉ ନ ଥିଲା ଓ ଅନେକ ପରୀକ୍ଷା ଅନ୍‌ଲାଇନ୍‌ରେ ହେଉଥିଲା। ଚଳିତ ବର୍ଷ କଟକଣା କୋହଳ ହୋଇଥିବାରୁ ଶିକ୍ଷାଦାନ ପ୍ରକ୍ରିୟା ସ୍ୱାଭାବିକ ହୋଇଛି। ଆଗକୁ ଥିବା ପରୀକ୍ଷାକୁ ଛାତ୍ରୀଛାତ୍ର ବ୍ୟସ୍ତ ନ ହୋଇ କିଭଳି ସାମ୍ନା କରିବେ ସେ ନେଇ ଉପଦେଶ ଦେଇଥିଲେ। ଏହା ଅଧିକ ଉତ୍ସାହିତ କରିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।

# ମାଲକାନଗିରିରେ ଓଡ଼ିଶା ଦିବସ ପାଳିତ

**ମାଲକାନଗିରି,୧୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ସମେତ ବିଭିନ୍ନ ବ୍ଲକରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ



ପୁରାତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

ଦାସ ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ଜିଲାପାଳ ବିଶାଲ ସିଂ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଡୁ, ଡିଆଇପିଆର୍‌ଓ ଜ୍ୟୋସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ ପୌର ପରିଷଦ କର୍ଯ୍ୟାଳୟ ପରିସରରେ ଥିବା ଉତ୍କଳ ଗୌରବ ମଧୁସୁଦନ ଦାସ, ଗାନ୍ଧିଜୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୌର ପରିଷଦର ବିଜେଡି ସମର୍ଥିତ ୧୪ କାଉନସିଲରଙ୍କ ସମେତ ପୌର ପରିଷଦର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ୧୯୮୪ରେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ମାଲକାନଗିରି ଆସି ସଭାରେ ଭାଷଣ ଦେଇଥିବା ସ୍ଥାନରେ ନିର୍ମିତ ପ୍ରତିମୂର୍ତ୍ତୀରେ ଉପଜିଲାପାଳ ଅକ୍ଷୟ କୁମାର ଖେମୁଡୁ, ଆର୍‌ଏମ୍‌ସି ସମ୍ପାଦକ ଗୁରୁଚରଣ ନାୟକଙ୍କ ସହ କର୍ମଚାରୀ ଓ ଶ୍ରମିକ ମାନେ ଉପସ୍ଥିତ ମାଲ୍ୟାର୍ପଣ କରିଥିଲେ। ମୋଟୁର ତ୍ରିବେଣୀ ସଙ୍ଗମ ମୁଗି ପଏଣ୍ଟରେ ତହସିଲଦାର ସଶାଙ୍କ ଶେଖର ମିଶ୍ର, ତହସିଲ କାର୍ଯ୍ୟାଳୟର କର୍ମଚାରୀ ଓ ମୋଟୁ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ରହି ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି କରି ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ଆଲୋକପାତ କରିଥିଲେ। ସେହିପରି ମାଲକାନଗିରିର ପୁରାତନ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ପରିତ୍ୟକ୍ତ କୂଅରୁ ଯୁବତୀଙ୍କ ଗଳିତ ମୃତଦେହ ଜବତ

ଧରାକୋଟ/ସୋରଡ଼ା,୧୪(ଡି.ଏନ୍.ଏ.)

ବଡ଼ଗଡ଼ ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମ ନିକଟ ବିଲ ମାଳରେ ଥିବା ଏକ ପରିତ୍ୟକ୍ତ କୂଅରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଖାରିଗୁମା ଗ୍ରାମର ରଙ୍କନିଧି ଗୌଡଙ୍କ ସାନ ଝିଅ ଅଭାବିନୀ(୨୦)। ବଡଗଡ ପୋଲିସ ସୂଚନା ପ୍ରକାରେ, ସୋମବାର ରାତିରେ ପରିବାର ଲୋକଙ୍କ ସହିତ ଖିଆପିଆ ସାରି ଅଭାବିନୀ ଘରେ ଶୋଇଥିଲେ। ପରିବାର ଲୋକ ବିଳମ୍ବିତ ରାତିରେ ଉଠି ଦେଖିଲା ବେଳେ ଝିଅ ଘରେ ନାହିଁ। ମଙ୍ଗଳବାର ପରିବାର ଲୋକ ବହୁ ଖୋଜାଖୋଜି କରିବା ପରେ ଝିଅ ନ ମିଳିବାରୁ ବଡଗଡ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୨୫/୨୨ରେ ମାମଲା ରୁଜୁ କରି ଖୋଜାଖୋଜି କରିଥିଲା। ଗୁରୁବାର ବିଲମାଳରେ ଥିବା ପରିତ୍ୟକ୍ତ କୂଅରୁ ଅଭାବିନୀଙ୍କ ମୃତଦେହକୁ ଧରାକୋଟ ଅଗ୍ନିଶମ ବିଭାଗ ସାହାଯ୍ୟରେ ଆସିକା ଏ)ସ୍‌ଡିପିଓ ଧରାକୋଟ, ପାଟପୁର, ସୋରଡ଼ା ଏବଂ ବଡଗଡ ଥାନାଧିକାରୀଙ୍କ ଉପସ୍ଥିତିରେ ଜବତ କରିଛନ୍ତି। ଏହି ମାମଲାରେ ପୋଲିସ ବରଡାବାଲି ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ବ୍ୟାପକ କରିଛି। ପ୍ରେମଜନିତ ସମ୍ପର୍କକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି ପୋଲିସ କହିଛି।

### ବାଇକ୍ ଧକ୍କାରେ ଜଣେ ମୃତ

ଭଞ୍ଜନଗର,୧୪(ଡି.ଏନ.ଏ)

ଭଞ୍ଜନଗର-ବେଲଗୁଣ୍ଠା ମୁଖ୍ୟ ରାସ୍ତାରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ତାଙ୍କ ପରିଚୟ ମିଳିପାରିନାହିଁ। ସେ ତନରଡ଼ା ଠାରେ ରାସ୍ତା ପାର ହେଉଥିବା ବେଳେ ବାଇକ୍ ଧକ୍କା ଦେଇ ପଳାଇଥିଲା । ଆମ୍ବୁଲାନ୍ସଯୋଗେ ତାଙ୍କୁ ଭଞ୍ଜନଗର ମେଡ଼ିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଛନ୍ତି ।

### ୮ ଗ୍ରାମରେ ଦଣ୍ଡଯାତ୍ରା ଆରମ୍ଭ

ଶେରଗଡ଼,୧୪(ଡି.ଏନ୍.ଏ.):

ଶେରଗଡ଼ ବ୍ଲକର ପିତ୍ତଳ ଗ୍ରାମର ଦଣ୍ଡ ଯାତ୍ରା କିଛିଦିନ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ବଳକା ୮ ଗ୍ରାମର ଆରମ୍ଭ ହୋଇଛି। ସେଗୁଡ଼ିକ ହେଲା ଖିରିଡା, ବନ୍ଧାଗୁଡା, କୁଲାଗଡ଼, ଡିଙ୍କିସାଳ, ଆମ୍ବୁଆବାଡି, ଧବଳପୁର, ଡେଙ୍ଗାପଦର, କୁରୁଳା। ଆଜି ସକାଳ ପାରମ୍ପରିକ ପୂଜାର୍ଚ୍ଚନା ପରେ ହୋମ ଯଜ୍ଞ କରାଯାଇଥିଲା।

# ମାଲକାନଗିରିରେ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

**ମାଲକାନଗିରି,୧୪(ଡି.ଏନ୍.ଏ.)**

ମାଲକାନଗିରି ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ୮୭ ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ପି ନୀତେଶ ୱାଧୱାନି, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ୍, ବିଏସ୍‌ଏଫ୍ କମାଣ୍ଡାଣ୍ଟ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ୧୯୩୬ ଏପ୍ରିଲ ୧ରେ ଓଡ଼ିଶାରେ ପୋଲିସ ବିଭାଗର ପ୍ରତିଷ୍ଠା ହୋଇଥିଲା। ଏସ୍‌ପି ଏହାକୁ ମନେପକାଇବା ସହ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ କର୍ତ୍ତବ୍ୟ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୋଲିସ ପରେଡ୍


ଏସ୍‌ପି ନୀତେଶ ୱାଧୱାନି ଜଣେ ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

ପରେ ଏସ୍‌ପି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଚଳିତ ବର୍ଷ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା।

# ବେସରକାରୀ କଲେଜ ଅଧାପକ, କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା

## ଜିଲାସ୍ତରୀୟ ଶିକ୍ଷକ କର୍ମଚାରୀ ସଂଘର ବୈଠକ

**ଗୁଣପୁର,୧୪(ଡି.ଏନ୍.ଏ.)–**

ନିଖିଳ ଉତ୍କଳ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ ରାୟଗଡ଼ା ଜିଲା ଶାଖା ପକ୍ଷରୁ ଗୁଣପୁର ମହାବିଦ୍ୟାଳୟରେ ଜିଲାସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ବେସରକାରୀ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ଜିଲାସ୍ତରୀୟ ସଭା ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବାମଦେବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜ ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ମୁଖ୍ୟବକ୍ତା ଥିଲେ। ଜିଲା ସଂଘର ସଭାପତି ଶଶିଭୂଷଣ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ତ୍ରିପାଠୀ ଯୋଗଦେଇଥିଲେ। ସଭାରେ ଅଧ୍ୟାପକମାନଙ୍କ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସପ୍ତମ ବେତନ କମିଶନ ଲାଗୁ ପରେ ସମସ୍ତ କର୍ମଚାରୀ ୨୦୧୬ ଜାନୁୟାରୀରୁ ପାଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ବେସରକାରୀ କଲେଜରେ ତାହା ୨୦୧୭ ଅକ୍ଟୋବରରୁ ଲାଗୁ କରିଛି। ପୁଣି ଷଷ୍ଠ ବେତନ ଆଧାରରେ ଗ୍ରାଚୁଇଟି ୭.୫ ଲକ୍ଷ ଥିଲାବେଳେ ସପ୍ତମ ବେତନ ସୁପାରିସରେ ତାହାକୁ କମାଇ ୫ ଲକ୍ଷ ଧାର୍ଯ୍ୟ କରାଯାଇଛି। ତେଣୁ ସମସ୍ତ ଅଧାପକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଣି ସପ୍ତମ ବେତନ ଅନୁସାରେ ୨୧ ମାସର ଦରମା ଅଧାପକମାନଙ୍କୁ ପ୍ରଦାନ କରାଯାଇ ନ ଥିବା ପ୍ରସଙ୍ଗ ମଧ୍ୟ ଉପସ୍ଥାପନ କରାଯାଇଥିଲା। ବେସରକାରୀ କଲେଜ ଅଧାପକ ଓ କର୍ମଚାରୀମାନଙ୍କୁ ଅନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବାର ଦାବି ପୂରଣ ଦିଗରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ ତଥା ରାଜ୍ୟ କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ସମସ୍ତ ଅଧାପିକା, ଅଧାପକ ତଥା କର୍ମଚାରୀ ଅଂଶଗ୍ରହଣ କରିଥିଲେ।

# ବାଇକ୍ ଲୁଟେରା ଗ୍ୟାଙ୍ଗ୍‌ର ୪ ଗିରଫ


ଜବତ ଗାଡ଼ି ଓ ଗିରଫ ଅଭିଯୁକ୍ତମାନେ।

**ମାଲକାନଗିରି,୧୪(ଡି.ଏନ୍.ଏ.)**

## ୫ ଚୋରି ଗାଡ଼ି ଜବତ

ମାଲକାନଗିରି ପୋଲିସ ଗାଡ଼ି ଲୁଟେରା ଗ୍ୟାଙ୍ଗର ୪ ସଦସ୍ୟଙ୍କୁ ଶୁକ୍ରବାର ଗିରଫ କରିବା ସହ ସେମାନଙ୍କ ନିକଟରୁ ୫ଟି ଚୋରି ଗାଡ଼ି ଜବତ କରିଛି। ସେମାନେ ହେଲେ ମାଲକାନଗିରି ଜିଲା ପେଦାବାଡ଼ା ସଦର ପଞ୍ଚାୟତର ଫୁଲଧର ଖିଲ, କୋରାପୁଟ ଜିଲା ଦୋରାଗୁଡ଼ା ପଞ୍ଚାୟତ ବାନୁଆଗୁଡ଼ା ଗ୍ରାମର ଡମ୍ବରୁ ମୁର୍ଜିଆ, କୁନ୍ଦୁରା ଥାନା କୁସୁମଗୁଡ଼ା ଗ୍ରାମର ମଙ୍ଗଲୁ ଜାନି, ଓ କାର୍ତ୍ତିକ ବିଶୋଇ।

ସୂଚନା ଅନୁଯାୟୀ, ଜିଲାର ବିଭିନ୍ନ ଅଞ୍ଚଳରେ କିଛି ଦିନ ହେଲା ଗାଡ଼ି ଚୋର ଗ୍ୟାଙ୍ଗ ସକ୍ରିୟ ଥିଲେ। ବାରମ୍ବାର ଗାଡ଼ିଚୋରି ନେଇ ଥାନାରେ ଅଭିଯୋଗ ହେଉଥିଲା। ଗତ ୨୨ ତାରିଖରେ ମାଲକାନଗିରି ସଦର ବାଲିମେଳା ଛକ ଅଞ୍ଚଳର ଏମ୍. ଚନ୍ଦ୍ର ରାଓ ସ୍କୁଟି ଚୋରି ହୋଇଥିବା ନେଇ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ଏହି ଘଟଣାରେ ମାଲକାନଗିରି ଥାନା ପୋଲିସ ଶୁକ୍ରବାର ୪ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଚୋରି ଗାଡ଼ିଗୁଡ଼ିକୁ ଜିଲାର କାଲିମେଳା, ବାଲିମେଳା ଓ ମାଲକାନଗିରିରୁ ଜବତ କରାଯାଇଛି। ଏ ନେଇ ୧୫୦/୨୨ରେ ଏକ ମାମଲା ରୁଜୁ ହୋଇଥିବା ମାଲକାନଗିରି ଥାନାଧିକାରୀ ରିଗାନ କିଣ୍ଡୋ ସୁଚନା ଦେଇଛନ୍ତି।

# ଶିଳ୍ପ ତାଲିମ କେନ୍ଦ୍ରରେ ମିନି ଟୁଲ୍ ରୁମ୍ ଉଦ୍‌ଘାଟିତ


ଜିଲାପାଳ ଟୁଲ୍ ରୁମ୍ ପରିଦର୍ଶନ କରୁଛନ୍ତି।

**ମାଲକାନଗିରି,୧୪(ଡି.ଏନ୍.ଏ.)**

ଉତ୍କଳ ଦିବସରେ ମାଲକାନଗିରି ସଦରସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଏକ ମିନି ଟୁଲ୍ ରୁମ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଜିଲାପାଳ ବିଶାଲ୍ ସିଂ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଇଟିଆଇର ଅଧକ୍ଷ ସମୀର ରଞ୍ଜନ ବେହେରା, ଟ୍ରେନିଂ ଅଫିସର ସତ୍ୟ ନାରାୟଣ ନାୟକ, ସେକ୍ସନ ଅଫିସର ଅଶୋକ କୁମାର ସାହୁଙ୍କ ସମେତ ତାଲିମ କେନ୍ଦ୍ରର ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଟୁଲ୍ ରୁମ୍‌ରେ ଦୁଇଟି ସିଏନ୍‌ସି ଲେଦ୍, ଦୁଇଟି ସିଏନ୍‌ସି ମିଲିଂ, ୧୧ଟି ସିଏନ୍‌ସି ସିମୁଲେଟର ରଖାଯାଇଛି। ମେଶିନ ଗୁଡ଼ିକ ମାଧ୍ୟମରେ ଜିଲାର ଯୁବକ ମାନଙ୍କର ଦକ୍ଷତା ବିକାଶକୁ ଆଉ ଏକ ପାଦ ଆଗକୁ ନେଇ ହେବ ବୋଲି ମତପ୍ରକାଶ ପାଇଛି। ଏହାଦ୍ୱାରା ଯୁବତୀ, ଯୁବକମାନେ ବୈଷୟିକ ଜ୍ଞାନକୌଶଳ ଅର୍ଜନ ପାଇଁ ଉପଯୋଗୀ ହେବ ବୋଲି ଜିଲାପାଳ କହିଛନ୍ତି।

# 'ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ' ଅଭିଯାନ



ଜିଲାପାଳ ସରୋଜ କୁମାର ମିଶ୍ର ଓଡ଼ିଆ ଭାଷା ପ୍ରସାର ନିମନ୍ତେ ବାର୍ତ୍ତା ଲେଖୁଛନ୍ତି ।

**ରାୟଗଡ଼ା ଅଫିସ,୧୪**

ରାୟଗଡ଼ା ଜିଲା ପ୍ରଶାସନ ସମେତ ବିଭିନ୍ନ ଅନୁଷ୍ଠାନ ଓ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସେହିପରି ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ(ଏସ୍‌ୟୁଜେ) ପକ୍ଷରୁ ଶାଖା ସଭାପତି ଶିବ ନାରାୟଣ ଗୌଡ଼ଙ୍କ ପୌରାହିତ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଛ । ଏହି ଉପଲକ୍ଷେ 'ଆମେ ଓଡ଼ିଆ ଆମ ଭାଷା ଓଡ଼ିଆ' ଶୀର୍ଷକ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜିଲା ସଦରସ୍ଥିତ ମହାତ୍ମା ଗାନ୍ଧୀ ଶିଶୁ ଉଦ୍ୟାନ ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ ସରୋଜ କୁମାର ମିଶ୍ର ଯୋଗଦେଇ ଓଡ଼ିଶା ଭାଷା ମୋ ପରିଚୟ ଏବଂ ଏଥିପାଇଁ ମୁଁ ଗର୍ବିତ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ରାୟଗଡ଼ା ପୌରାଧକ୍ଷ ପି. ମହେଶ ପଟ୍ଟନାୟକ, ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଏବଂ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଭାଷାର ପ୍ରଚାର ପ୍ରସାରକୁ ନେଇ ବାର୍ତ୍ତା ଲେଖି ଦସ୍ତଖତ କରିଥିଲେ। ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ସୂର୍ଯ୍ୟ, ସାଙ୍ଗଠନିକ ସମ୍ପାଦକ ମୃତ୍ୟୁଞ୍ଜୟ ନନ୍ଦ, ଦୁର୍ଗା ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଁ ସଫା କଲା ଯୁବକ ସଂଘ

**ଚନ୍ଦାହାଣ୍ଡି, ୧୪(ଡି.ଏନ୍.ଏ.)**

ଚନ୍ଦାହାଣ୍ଡି ବ୍ଲକ କୋଇଲିମୁଣ୍ଡା ପଞ୍ଚାୟତ ଅଧୀନ ମାଲପରା ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ ସଫେଇ କରାଯାଇଛି। ନବନିର୍ବାଚିତ ସମିତିସଭ୍ୟ ତିଳକ ସିଂ ପୋଡଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ବ୍ୟକ୍ତି ଗ୍ରାମର ସ୍କୁଲ, ନଳକୂପ ଏବଂ ରାସ୍ତା ଉଭୟ ପାର୍ଶ୍ୱରେ ଥିବା ଡ୍ରେନର ଅଳିଆ ଆବର୍ଜନା ସଫା କରିବା ସହ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରିଥିଲେ। କରୋନାରୁ କିଭଳି ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିବେ ସେ ନେଇ ବୁଝାଇ ଥିଲେ।ଏହି କାର୍ଯ୍ୟକ୍ରମରେ ରୂପସିଙ୍ଗ ଗୌଡ଼, କେଶବ ବେଶନ, ଫୁଲସିଙ୍ଗ ମାଝୀ, ଲଖଣ ବେଶନ, ନିତ୍ୟା ବେଶନ,ଗୌତମ ରାଉତ, ଭକ୍ତ ରାମ ମାଝୀ ସହଯୋଗ ଥିଲେ।





ଓଡ଼ିଶା ଦିବସ ଉପଲକ୍ଷେ ମାଲକାନଗିରି ଜିଲା ଏମ୍‌ଭି -୭୯, କୁଡୁମୁଲୁଗୁମା, ନବରଙ୍ଗପୁର ଜିଲା ଝରିଗାଁ, ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହୋଇଥିବା କାର୍ଯ୍ୟକ୍ରମ ।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ୨ ଗିରଫ

ଜୟପୁର, ୧।୪(ନି.ପ୍ର.)- ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ମାମଲାରେ ଜୟପୁର ଟାଉନ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୂଆସାହି ୫ମ ଲେନ୍‌ର ତୁଷାର ଗରଡ଼ା, ଘାସି ଅଙ୍କା।



ସୂଚନାନୁଯାୟୀ ଜୟପୁର ଚନ୍ଦନବାଡ଼ ସାହି ଛକ ନିକଟରେ ସୌରାସାହିର କାର୍ତ୍ତିକ ନାୟକଙ୍କୁ ସଂଘବଦ୍ଧ ଭାବେ ୭ରୁ ୮ ଜଣ ଯୁବକ ମାଡ଼ ମାରି ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ କାର୍ତ୍ତିକଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଥିବାରୁ କାର୍ତ୍ତିକଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ଜୟପୁର ଟାଉନ ପୋଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ୨ଜଣଙ୍କୁ ଗିରଫ କରିଥିବାବେଳେ ୬ଜଣ ଫେରାର ଅଛନ୍ତି। ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି।

### ଦାୟିତ୍ୱ ନେଲେ ନାଲ୍‌କୋ ଇଡି



ଦାମନଯୋଡ଼ି, ୧।୪(ଡି.ଏନ୍.ଏ.)- ନାଲ୍‌କୋର ନୂତନ ଇଡିଭାବେ ସୁଶୀଲ କୁମାର ପାଢ଼ୀ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଇଡି ରବିଶଙ୍କର ଦାସ ମାର୍ଚ୍ଚ ଶେଷରେ ଅବସର ଗ୍ରହଣ କରିଥିଲେ। ନୂତନ ଇଡିଙ୍କର ନାଲ୍‌କୋରେ ଦୀର୍ଘ ୩୭ବର୍ଷର କାର୍ଯ୍ୟ କରିବା ଅଭିଜ୍ଞତା ରହିଛି। ସେ ବୁର୍ଲାରୁ ମେକାନିକାଲ ଇଞ୍ଜିନିୟରିଂ ପରେ ୟୁରୋପରୁ ଅନ୍ତର୍ଜାତୀୟ ଏମ୍‌ବିଏ କରିଥିଲେ। ଏଥିସହ ଷ୍ଟାଟିଷ୍ଟିକାଲ ପ୍ରୋବ୍ଲେମ୍ ସଲ୍‌ଭିଂରେ ଆଡ୍‌ଭାନ୍ସ ଡିପ୍ଲୋମା ମଧ କରିଛନ୍ତି। ୧୯୮୫ରେ ଜିଇଟି ଦ୍ୱିତୀୟ ବ୍ୟାଚ୍‌ରେ ସେ ନାଲ୍‌କୋରେ ଯୋଗଦେଇଥିଲେ। ଅନ୍ତର୍ଜାତୀୟ ବଜାରରେ ଆଲୁମିନିୟମର ଚାହିଦା ଦେଖି ଆମକୁ ଉତ୍ପାଦନ ଉପରେ ଅଧିକ ଧାନ ଦେବାକୁ ପଡ଼ିବ। ଏଥିସହିତ ବିକ୍ରି ଲକ୍ଷ୍ୟ ପୂରଣ ଓ ଚାଲୁଥିବା ସମ୍ପ୍ରସାରଣ କାର୍ଯ୍ୟ କିପରି ଠିକ୍ ସମୟରେ ସମାପ୍ତ ହେବ ସେ ଦିଗରେ ଅଗ୍ରାଧିକାର ଦିଆଯିବ। ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ସହିତ ସୁସମ୍ପର୍କ ରଖି ଅଞ୍ଚଳର ସାମଗ୍ରିକ ଉନ୍ନତି ପ୍ରତି ଯତ୍ନବାନ ହେବେ ବୋଲି ନୂତନ ଇଡି ପାଢ଼ୀ କହିଥିଲେ।

### ଆହାର କେନ୍ଦ୍ର ପରିଦର୍ଶନ କଲେ ପୌର ଅଧକ୍ଷ



ଜୟପୁର, ୧।୪ (ନି.ପ୍ର.)-ଜୟପୁର ଟାଉନ ହଲ୍ ନିକଟରେ ଥିବା ଆହାର କେନ୍ଦ୍ରକୁ ଶୁକ୍ରବାର ନୂତନ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ପରିଦର୍ଶନ କରିଛନ୍ତି। ସେଠାରେ ପହଞ୍ଚି ଉପସ୍ଥିତ ହିତାଧିକାରୀଙ୍କ ସହ ସେ ଆଲୋଚନାକରି ଖାଦ୍ୟ ପରଷିଥିଲେ। ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ଏସ୍‌ଏସ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

### ଡାବୁଗାଁ ଥାନାଧିକାରୀ ଶ୍ରେଷ୍ଠ ସହ ଆରକ୍ଷୀ ନିରୀକ୍ଷକ

ଡାବୁଗାଁ, ୧।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦୁର୍ଗାଙ୍କୁ ୨୦୨୧ ବର୍ଷ ନିମନ୍ତେ ଜିଲାର ଶ୍ରେଷ୍ଠ ସହ ଆରକ୍ଷୀ ନିରିକ୍ଷକଭାବେ ସମ୍ମାନିତ କରାଯାଇଛି। ତାଙ୍କୁ ମାନପତ୍ର ଓ ନଗଦ ଅର୍ଥ ରାଶୀ ପ୍ରଦାନ କରାଯାଇଛି। ଅଭିମନ୍ୟୁ ୧୯ ନଭେମ୍ବର ୧୯୯୦ରେ ଓଡିଶା ପୋଲିସ ବିଭାଗରେ କନଷ୍ଟେବଲଭାବେ ଯୋଗ ଦେଇଥିଲେ। ୨୪ ମାର୍ଚ୍ଚ ୨୦୦୭ରେ ଉପସହ ଆରକ୍ଷୀ ନିରିକ୍ଷକଭାବେ ପଦୋନ୍ନତି ପାଇଥିଲେ। ୧୦ମେ ୨୦୧୪ରେ ସହ ଆରକ୍ଷୀ ନିରିକ୍ଷକ ଭାବେ ତାଙ୍କୁ ପୁଣି ଥରେ ପଦୋନ୍ନତି ମିଳିଥିଲା। ୨୭ ଫେବୃୟାରୀ



୨୦୧୬ରେ ନବରଙ୍ଗପୁର ଜିଲାକୁ ବଦଳି ହୋଇଥିଲେ। ସେ ୮୦ ଗୋଟି ପୁରସ୍କାର ଓ ଆନ୍ତ୍ରିକ ସୁରକ୍ଷା ସେବା ପଦକ ପାଇଛନ୍ତି।

# 'ଶାନ୍ତିଶୃଙ୍ଖଳାର ସହ ଲୋକଙ୍କ ବିଶ୍ୱାସଭାଜନ ହୋଇ କାମ କର'

କୋରାପୁଟ/ନବରଙ୍ଗପୁର, ୧।୪(ସ୍ୱ.ପ୍ର./ବି.ପ୍ର.)

ପୋଲିସ ସବୁବେଳେ ଶାନ୍ତ ସ୍ୱଭାବ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦରକାର। ଏହାଦ୍ୱାରା ସେ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ତାଙ୍କର ଅତି ନିକଟତର ହୋଇପାରିବେ ବୋଲି ଶୁକ୍ରବାର କୋରାପୁଟ ପୋଲିସ ପଡ଼ିଆରେ ଆୟୋଜିତ ୮୭ତମ ପୋଲିସ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ଉତ୍ତମ ରାଓ ପଣ୍ଡିତ କହିଛନ୍ତି। କୋରାପୁଟ ଜିଲା ପୋଲିସ, ଓଏସ୍‌ଏପି ତୃତୀୟ ବାଟାଲିଅନ ଏବଂ ଆଇଆର୍‌ବି ବାଟାଲିଅନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସରେ ଡିଆଇଜି ପଣ୍ଡିତ ମୁଖ୍ୟ ଅତିଥିଭାବେ



କୋରାପୁଟରେ ତୃତୀୟ ବାଟାଲିଅନ ହାବିଲଦାର ଗୋପାଳକୃଷ୍ଣ ନାୟକଙ୍କୁ ସମ୍ମାନିତ କରାଯାଉଛି।





ନବରଙ୍ଗପୁର କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହ ଆୟୋଜିତ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ପୋଲିସଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ପୋଲିସ ରିର୍ଜଭ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ନାୟକ ପରେଡ୍ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ପ୍ରଥମ ଆଇଆର୍‌ବି ବାଟାଲିଅନର ୪ ଯବାନ, ସପ୍ତମ ସ୍ୱତନ୍ତ୍ର ଆଇଆର୍‌ବି ବାଟାଲିଅନର ୪ ଯବାନ, ଓଏସ୍‌ଏପି ତୃତୀୟ ବାଟାଲିଅନର ୪ ଯବାନ, ଜିଲା ପୋଲିସର ୬ ଜଣ (ବନ୍ଧୁଗାଁ ଥାନା ସବ୍‌ଇନ୍ସପେକ୍ଟର ସବ୍ୟସାଚୀ ଶତପଥୀ, ଏଏସ୍‌ଆଇ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ହାବିଲଦାର କେଶବ ଶିଶା, ଓଆର୍ କନଷ୍ଟେବଳ ତ୍ରିପତି ଦଳେଇ, ଏପିଆର କନଷ୍ଟେବଳ ରାଜ କିଶୋର ମୂର୍ତ୍ତି, ଟ୍ରାଫିକ କନଷ୍ଟେବଳ ଧନେଶ୍ୱର ପ୍ରଧାନ)ଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଅତିରିକ୍ତ ଏସ୍‌ପି ଉତ୍କଳ କିଶୋର ଦାସଙ୍କ ସମେତ ଜିଲା ପୋଲିସ,ପ୍ରଥମ ଆଇଆର୍‌ବି, ୭ମ ସ୍ୱତନ୍ତ୍ର ଆଇଆରବି, ଓଏସ୍‌ଏପି ତୃତୀୟ ବାଟାଲିଅନର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୮୭ତମ ପୋଲିସ ପ୍ରତିଷ୍ଠା ଦିବସ

ସେହିଭଳି ନବରଙ୍ଗପୁରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ୮୭ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ପୋଲିସ କର୍ମଚାରୀଙ୍କୁ ନେଇ ରିଜର୍ଭ ପୋଲିସ ପଡ଼ିଆରେ ପରେଡ୍ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନବରଙ୍ଗପୁର ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହ ୫ଜଣ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ଶ୍ରେଷ୍ଠ ପୋଲିସ ସେବା ପାଇଁ ପୁରସ୍କୃତ କରାଯାଇଛି। ଜାତୀୟସ୍ତରୀୟ କରାଟେରେ ପୁରସ୍କୃତ ହୋଇଥିବା ନବରଙ୍ଗପୁରର ୯ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ସମେତ ପୋଲିସ ବିଭାଗର ଅନେକ ଅଧିକାରୀ ଯୋଗଦେଇଥିଲେ।

### ପୌର ପରିଷଦ ପାଳିଲା ଆହାର କେନ୍ଦ୍ରର ପ୍ରତିଷ୍ଠା ଦିବସ



ଉମରକୋଟ, ୧।୪(ସ୍ୱ.ପ୍ର.)

୭ ବର୍ଷରେ ପଦାର୍ପଣ କରିଛି ଉମରକୋଟ ଉପଖଣ୍ଡୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆହାର କେନ୍ଦ୍ର। ୨୦୧୫ ଏପ୍ରିଲ ୧ରେ ଏହା ସ୍ଥାପନ କରାଯାଇଥିଲା। ଉମରକୋଟ ପୌର ପରିଷଦ ପକ୍ଷରୁ ଶୁକ୍ରବାର ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଉମରକୋଟ ପୌର ପରିଷଦର ନବ ନିର୍ବାଚିତ ପୌରାଧକ୍ଷା ରାଧା ଭତରା ଉପସ୍ଥିତ ରହି କେକ୍ କାଟିଥିଲେ। ନୂତନ ପୌରାଧକ୍ଷ ଆହାର କେନ୍ଦ୍ରରେ ଉପସ୍ଥିତ ଲୋକଙ୍କୁ ଖାଦ୍ୟ ପରଷିଥିଲେ। ଏଠାରେ ଦୈନିକ ମଧ୍ୟାହ୍ନରେ ୩୫୦ ଏବଂ ରାତିରେ ୮୦ ଜଣ ଏହିପରି ସର୍ବମୋଟ ୪୩୦ ଜଣଙ୍କୁ ଖାଦ୍ୟ ଦିଆଯାଉଛି ବୋଲି ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସହରର ସମସ୍ତ ନବ ନିର୍ବାଚିତ କାଉନସିଲର, ଆହାର କେନ୍ଦ୍ର କର୍ମଚାରୀ ଏବଂ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବର୍ଣ୍ଣବୋଧ ବହି ଦେଇ ଓଡ଼ିଶା ଦିବସ ପାଳିଲେ ଯୁବଗୋଷ୍ଠୀ

ଉମରକୋଟ, ୧।୪(ସ୍ୱ.ପ୍ର.)

ଉପାନ୍ତ ଅଞ୍ଚଳର ଛାତ୍ରୀଛାତ୍ର ତଥା ଅବିଭାବକଙ୍କ ମଧ୍ୟରେ ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତିର ବିକାଶ ଲକ୍ଷ୍ୟ ନେଇ ଉମରକୋଟର ଯୁବଗୋଷ୍ଠୀ ପିଲାଙ୍କୁ ବର୍ଣ୍ଣବୋଧ ବହି ଦେଇ ଓଡ଼ିଶା ଦିବସ ପାଳନ କରିଛନ୍ତି। ପ୍ରାତଃ ଭ୍ରମଣ ସାରି ସମ୍ପୃକ୍ତ ଯୁବକମାନେ ଉମରକୋଟ ବ୍ଲକର ସାନକୁମାରୀ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସ୍କୁଲ ପିଲା ଓ ଗ୍ରାମବାସୀଙ୍କୁ ଏକାଠି କରି ପ୍ରଥମେ ଉତ୍କଳ ଦିବସ ବିଷୟରେ ବୁଝାଇବା ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ସେଠାରେ ସ୍କୁଲ ପିଲାଙ୍କୁ ବର୍ଣ୍ଣବୋଧ ବହି, ଖାତା ଓ କଲମ ବାଣ୍ଟିଥିଲେ। ଏଥି ସହ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ଓଡ଼ିଶା ଦିବସ ପାଳନର ମହତ୍ତ୍ୱ ସହ ଓଡ଼ିଆ ଭାଷାର କିପରି ଅଧିକ ପ୍ରଚାର ପ୍ରସାର ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପୂର୍ବରୁ ଅନ୍ୟ ରାଜ୍ୟ ନିଜ ଅଧୀନକୁ ନେଇଯାଇଛନ୍ତି। କିନ୍ତୁ ବର୍ତ୍ତମାନ ଆଉ ଓଡ଼ିଶା ମାଟିରୁ ଇଞ୍ଚେ ଜାଗା କାହାକୁ ଦିଆଯିବ ନାହିଁ ବୋଲି ସମସ୍ତେ ଦୃଢ଼ ସଂକଳ୍ପ ନେଇଥିଲେ। କୋରାପୁଟ ଜିଲା କୋଟିଆ ଗ୍ରାମ ଉପରେ ଆନ୍ଧ୍ରର ଲୋଲୁପ ଦୃଷ୍ଟି ରହିଛି। କୋଟିଆ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉମରକୋଟର ନଳିନୀ ରଞ୍ଜନ ମିଶ୍ର, କୃଷ୍ଣ ପ୍ରସାଦ ପଟନାୟକ, ଚନ୍ଦନ ବୈଦ୍ୟ, ଅଶୋକ ସାହୁ, କାମାକ୍ଷା ପ୍ରସାଦ ଶତପଥୀ, ଅରୁଣ ବେହେରା, ସୁଦର୍ଶନ ମାଝି ପ୍ରମୁଖ ଯୁବକ, ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



# ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦର ବୃଦ୍ଧିର ପ୍ରତିବାଦ





ଧାରଣାରେ ବସିଥିବା କଂଗ୍ରେସ ନେତା ଓ କର୍ମୀମାନେ।

ଜୟପୁର,୧।୪(ନି.ପ୍ର.)

ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ କୋରାପୁଟ ଜିଲା କଂଗ୍ରେସ ତରଫରୁ ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଆବାହନରେ ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରୁ ବିଶାଳ ବିକ୍ଷୋଭ ଶୋଭାଯାତ୍ରା ବାହାରି ମୁଖ୍ୟ ଟ୍ରାଫିକ ଛକ ନିକଟରେ ପହଞ୍ଚି ଥିଲା। ସେଠାରେ କର୍ମୀ ଓ ନେତାମାନେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ରର ଭାଜପା ସରକାର ପେଟ୍ରୋଲ,

### କଂଗ୍ରେସର ଧାରଣା, ବିକ୍ଷୋଭ

ଡିଜେଲ, ରନ୍ଧନ ଗ୍ୟାସ୍ ଏବଂ ଖାଇବା ତେଲ ଦର ବାରମ୍ବାର ବଢ଼ାଇ ଜନସାଧାରଣଙ୍କୁ ଅତିଷ୍ଠ କରୁଛନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଏହି ବିକ୍ଷୋଭରେ ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ମହିଳା କଂଗ୍ରେସ ଜିଲା ସଭାପତି ନଳିନୀ ରଥ, ଦେବେନ୍ଦ୍ର ବାହିନୀପତିଙ୍କ ସମେତ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

### ଭାଲୁ ଆକ୍ରମଣରେ ୨ ଗୁରୁତର

ଡାବୁଗାଁ, ୧।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ପଞ୍ଚାୟତ ସରାଗୁଡା ଓ କେନ୍ଦୁଗୁଡା ନିକଟସ୍ଥ ଗାଁ କୁ ଗାଁ ବୁଲୁଛି ଭାଲୁ। ସରାଗୁଡା ଗ୍ରାମର ଜଗବନ୍ଧୁ ମାଝି ସକାଳେ ପୋଖରୀକୁ ଗାଧୋଇବାକୁ ଯିବାବେଳେ ଭାଲୁ ସହ ମୁହାଁମୁହିଁ ହୋଇଥିଲା। ଭାଲୁ ଜଗବନ୍ଧୁଙ୍କ ଗୋଡ଼କୁ କାମୁଡି ଦେଇଥିଲା। କେନ୍ଦୁଗୁଡା ଧନେର ଭତ୍ରାଙ୍କ ହାତକୁ ମଧ ଭାଲୁ କାମୁଡିଛି। ସେ ମଧ ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ସୁଭାଷିସ ସାହୁ କହିଛନ୍ତି।

# କୋଟିଆରେ ଶୁଭିଲା ବନ୍ଦେ ଉତ୍କଳ ଜନନୀ

ପଟ୍ଟାଙ୍ଗୀ, ୧।୪(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ସୀମାନ୍ତ ଗ୍ରାମବାସୀ ଓ ଗ୍ରାମଗୁଡିକ ଓଡ଼ିଶାର ବୋଲି ଆନ୍ଧ୍ରକୁ ଜଣାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୀମାନ୍ତ ଗ୍ରାମବାସୀ ଓ ପଞ୍ଚାୟତ ସଦର ମହକୁମାରେ ରହିଥିବା ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଉତ୍କଳ ଦିବସ ପାଳନ କରାଯାଇଛି। ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ନେଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ା, କୋରାପୁଟ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି , ସରପଞ୍ଚ ଲିୟୁ ଗେମେଲ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ପୂର୍ବତନ ବ୍ଲକ ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ବ୍ଲକ କାର୍ଯ୍ୟାଳୟର ଏପିଓ ସୌମେନ୍ଦ୍ର ନାୟକ, ପିଇଓ ନବ କିଶୋର ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନ୍ୟ ସଙ୍ଗଠନମାନଙ୍କ ପକ୍ଷରୁ ମଧ ଓଡ଼ିଶା ଦିବସ ପାଳନ କରାଯାଇଛି।





କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲ୍‌କୋ ମାନବ ସମ୍ବଳ ବିଭାଗ ଅଡିଟୋରିୟମରେ ଶୁକ୍ରବାର ଓଡ଼ିଶା ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅର୍ଚ୍ଚନା ଓ ଅନୁସ୍ମା ନୃତ୍ୟ ଅନୁଷ୍ଠାନର ଛାତ୍ରୀମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଆଜିଠାରୁ ଧୋଡ୍ରା ମଣ୍ଡେଇ

ଧୋଡ୍ରା, ୧।୪(ଡି.ଏନ୍.ଏ.)

୨ ବର୍ଷ ପରେ ଅବିଭକ୍ତ କୋରାପୁଟ ଜିଲାର ପ୍ରସିଦ୍ଧ ଧୋଡ୍ରା ମଣ୍ଡେଇ ଯାତ୍ରା ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ବୁଧବାର ପର୍ଯ୍ୟନ୍ତ ଚାଲିବ। ଅବିଭକ୍ତ କୋରାପୁଟରେ ଏହି ଯାତ୍ରା ରାଜାରାଜୁଡା କାଳରୁ ନିଜ ସ୍ୱତନ୍ତ୍ରତା ବଜାୟ ରଖିଛି। କୋଭିଡ୍ ମହାମାରୀ ପାଇଁ ୨ବର୍ଷ ହେବ ଧୋଡ୍ରା ମଣ୍ଡେଇ ବନ୍ଦ ଥିଲା। ଚଳିତ ବର୍ଷ ଏହା ପୁଣି ଥରେ ଆରମ୍ଭ ହେଉ ଥିବାରୁ ସ୍ଥାନୀୟ ଲୋକଙ୍କ ମନ ଏବେ ଖୁବ୍ ଖୁସି। ଯାତ୍ରା ପାଇଁ ଏବେ ନବରଙ୍ଗପୁର ଧୋଡ୍ରାଠାରେ ବେପାରୀ ଆସ୍ଥାନ ଜମାଇଲେଣି। ମିନାବଜାର ଓ ଷ୍ଟଲରେ ହରିୟାଣା, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ର ଶିଳ୍ପୀମାନେ ନିଜର ହସ୍ତକଳାକୁ ବିକ୍ରି ପାଇଁ ପସରା ମେଲାଇ ବସିଛନ୍ତି। ଯାତ୍ରା ଦେଖିବା ଲାଗି ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଛି। ରାଜାରାଜୁଡ଼ା ସମୟରୁ ଆରମ୍ଭ ହୋଇଥିବା ଏହି ମଣ୍ଡେଇ ଦୂର ସମ୍ପର୍କୀୟଙ୍କୁ ଭେଟିବା ସହ ଆବଶ୍ୟକ ଘର କରଣା ଜିନିଷ କିଣିବାର ସୁଯୋଗ ଦିଏ। ଏହି ମଣ୍ଡେଇ ମାଧ୍ୟମରେ ଅନେକଙ୍କ ଭାବର ଆଦାନ ପ୍ରଦାନ, ସମ୍ପର୍କୀୟଙ୍କ ସହ ମିଳନର ଏକ ମାଧ୍ୟମ। ଚଳିତ ବର୍ଷ ମିନାବଜାରରେ ରାମଦୋଳି ଓ ବ୍ରେକ୍ ଡ୍ୟାନ୍ସ ଦୋଳି ମୁଖ୍ୟ ଆକର୍ଷଣ ପାଲଟିଛି।



ମଣ୍ଡେଇ ପାଇଁ ପଡ଼ିଥିବା ମିନାବଜାର।

### ଜିଲା ପରିଷଦ ଅଧକ୍ଷ, ଉପାଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପାପଡାହାଣ୍ଡି, ୧।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଖବରଦାତାମାନେ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଓ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ବିଜେଡି ମିଡିଆ ସେଲ ସଭାପତି ପରେଶ ଜେନା, ଏମ୍‌ପି ପ୍ରତିନିଧି ଅବଦୁଲ ତାଜୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ପାପଡାହାଣ୍ଡି ବ୍ଲକ ଖବରଦାତା ସଂଘ ସଭାପତି ଏନ ଜନାର୍ଦ୍ଦନ ରାଓଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଖବରଦାତାଙ୍କୁ ମୋତିରାମ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକର ବହୁ ଖବରଦାତା ଯୋଗ ଦେଇଥିଲେ।

# ଉମରକୋଟରେ ଗାଈ ମଡ଼କ

ଉମରକୋଟ, ୧।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଅଜଣା ରୋଗରେ ପୀଡିତ ହେଇ ୫୦ ରୁ ଊର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ହେଲାଣି। ଏହାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏହା କେଉଁ ରୋଗ ବର୍ତ୍ତମାନ ସୁଦ୍ଧା ପଶୁ ସମ୍ପଦ ବିଭାଗ ଚିହ୍ନଟ କରି ପାରୁ ନାହାନ୍ତି। ଆଦିବାସୀ ଲୋକେ କିନ୍ତୁ ଏହାକୁ କରୋନା ବୋଲି କହୁଛନ୍ତି। ଶନିବାର ଏକ ଟିମ୍ ଗାଁକୁ ଯାଇ ତଦନ୍ତ କରିବେ ବୋଲି କହିଛନ୍ତି।

ଉମରକୋଟ ବ୍ଲକର ନେହୁରା ପଞ୍ଚାୟତରେ ଏହି ରୋଗ ବ୍ୟାପକ ଭାବେ ଦେଖାଦେଇଛି। ଏହି ରୋଗରେ ଗାଈମାନେ ଥରିବା ସହ ସେମାନଙ୍କ ଗଳା ପେଟ ବି ଫୁଲି ଯାଉଛି। ଏହାପରେ ରକ୍ତବାନ୍ତି କରି ତାଙ୍କର ମୃତ୍ୟୁ ହୋଇଯାଉଛି। ନେହୁରା ପଞ୍ଚାୟତର କେବଳ ବଡ଼ଗାଁ, ବାଉଁଶବେଡା ଓ ବୁଟେଙ୍ଗାଗୁଡାରେ ପ୍ରାୟ ୫୦ ରୁ ଊର୍ଦ୍ଧ୍ୱ ଗାଈଙ୍କ ମୃତ୍ୟୁ ହେଲେଣୀ। ୨ ଦିନ ଭିତରେ ବାଉଁଶବେଡାର ଦେବୀ ସିଂ ଭତ୍ରାଙ୍କ ୭ ଟି ଗାଈଙ୍କ ମୃତ୍ୟୁ ହେଲାଣି। ସେହି ଗାଁର ଲବ ପାଇକ ଓ ଗିରିଧର ପାଇକଙ୍କର ମଧ କେତେଗୁଡିଏ ଗାଈ ମରିଥିବା ଖବର ମିଳିଛି। ଜମି, ବାଡ, ଜଙ୍ଗଲ ଯେଉଁଠି ଗାଈ ଚରିବା ପାଇଁ ଯାଉଛନ୍ତି, ସେଠାରେ ହିଁ ମରି ଯାଉଛନ୍ତି ବୋଲି ନେଉରା ସରପଞ୍ଚ ଉର୍ମିଳା ଭତ୍ରା ଅଭିଯୋଗ କରିଛନ୍ତି। ସପ୍ତାହକ ତଳେ ଉମରକୋଟ ପଶୁ ସମ୍ପଦ ବିଭାଗର ଅଧିକାରୀମାନେ ବାଉଁଶବେଡା ଓ ଅନ୍ୟ ଗାଁ କୁ ଯାଇ ଟିକା ଦେଇଛନ୍ତି। ତଥାପି ମଧ ଏହି ରୋଗ ନିୟନ୍ତ୍ରଣକୁ ଆସୁନାହିଁ। ଏପରି କି ଗ୍ରାମାଞ୍ଚଳର ନିରୀହ ଆଦିବାସୀ ଲୋକେ ଏହାକୁ କରନା ରୋଗ କହି ତାହାକୁ ଦୂର କରିବା ପାଇଁ ପୂଜା ପାଠ ମଧ ଆରମ୍ଭ କଲେଣି। ନବରଙ୍ଗପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ତୁରନ୍ତ ଏହି ରୋଗ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଅନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଉମରକୋଟର ପ୍ରାଣୀ ଚିକିତ୍ସକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ପୂର୍ବରୁ କିଛି ଗାଈଗୋରୁଙ୍କୁ ଟୀକା ଦିଆଯାଇଛି। ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି।

# ଓଡ଼ିଶା ଦିବସରେ ମନେପଡ଼ିଲା ବରପୁତ୍ରଙ୍କ ଅବଦାନ

କୋରାପୁଟ/ନବରଙ୍ଗପୁର, ୧।୪(ସ୍ୱ.ପ୍ର./ବି.ପ୍ର.)

କୋରାପୁଟ ଜିଲା ପ୍ରଶାସନ ଏବଂ ସ୍ମାରକୀ କମିଟିର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଉତ୍କଳ ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏହି ସମୟରେ ଜିଲାପାଳ ଅବ୍‌ଦାଲ ଏମ୍ ଅଖତାର ସହରର ବିଭିନ୍ନ ଛକରେ ଥିବା ଉତ୍କଳର ବରପୁତ୍ରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ଉପାଧକ୍ଷ ରାଧାବିନୋଦ ସାମନ୍ତରାୟ, କୋରାପୁଟ ମ୍ୟୁନିସିପାଲିଟି ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ସ୍ମାରକୀ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା, ସମ୍ମାନୀତ ଅତିଥିଭାବେ କୋରାପୁଟ ମ୍ୟୁନିସିପାଲିଟି ଅଧକ୍ଷ, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ଦିବସ ଉପରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନବରଙ୍ଗପୁରସ୍ଥିତ ତୃପ୍ତି ହୋଟେଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଓଡ଼ିଶା ଦିବସ ପାଳନ କରାଯାଇଛି। ନବରଙ୍ଗପୁର ଉତ୍କଳ ପରିଷଦ ପକ୍ଷରୁ ଭାଷା ଓ ସାହିତ୍ୟ ସଂସ୍କୃତିର ସୁରକ୍ଷା ଏବଂ ପ୍ରଚାର ପ୍ରସାର ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି ବୋଲି ଅତିଥିମାନେ କହିଛନ୍ତି। ଉତ୍କଳ ପରିଷଦ ପକ୍ଷରୁ ସକାଳ ୮ଟାରେ ସହରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ବଲ୍ଲଭ କୁମାର ରାଉତ, ମୁଖ୍ୟ ବକ୍ତା ଭାବେ ପ୍ରଫୁଲ୍ଲ କୁମାର ରାଉତ ଯୋଗ ଦେଇଥିଲେ। ସାହିତ୍ୟ ଓ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ନବରଙ୍ଗପୁର ମାଟିର ଡଃ ବିଜୟ କୁମାର ମିଶ୍ରଙ୍କୁ ଉତ୍କଳ ଆଭା ଏବଂ ସ୍ୱର୍ଗତ ନବକିଶୋର ପଣ୍ଡାଙ୍କୁ ମରଣୋତ୍ତର ଉତ୍କଳ ଆଭା ସମ୍ମାନରେ ସମ୍ମାନିତ କରାଯାଇଛି। ବିଶିଷ୍ଟ ଗାଳ୍ପିକ ଅଶୋକ କୁମାର ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଛି। ସୁରେଶ ଚନ୍ଦ୍ର ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିେ। ସି.ଏଚ୍ ଉଷାରାଣୀ ଏବଂ ଗୋପାଳ କୃଷ୍ଣ ପାଣିଗ୍ରାହୀ କବିତା ପାଠ କରିଥିଲେ। ନାଟ୍ୟକାର ପ୍ରେମଚାନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ ସଭାପତି ପ୍ରଭାସିନୀ ମହାନ୍ତି , ନିରଞ୍ଜନ ମିଶ୍ର , ଡଃ ସଂଯୁକ୍ତା ପଣ୍ଡା ଙ୍କ ସମେତ ବହୁ ବିଶିଷ୍ଟ କବି ଏବଂ ଲେଖକ ଉପସ୍ଥିତ ଥିଲେ। ନବରଙ୍ଗପୁର ଆଶା କିରଣ ଅଧକ୍ଷ ଜଗନ୍ନାଥ ବେହେରା ମଞ୍ଚ ପରିଚାଳନା କରିଥିଲେ।



କୋରାପୁଟ ଜିଲାପାଳ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ମାଲ୍ୟାର୍ପଣ କରୁଛନ୍ତି ।





ନବରଙ୍ଗପୁରରେ ଉତ୍କଳ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

